# ମାଉସୀ ଘରେ ପହଞ୍ଚିଲେ ୩ ଠାକୁର

ପଟ୍ଟାଙ୍ଗି,୫ା୭(ଡି.ଏନ୍.ଏ.)

ସାରା ରାଜ୍ୟରେ ଯେଉଁଦିନ ରଥଯାତ୍ରା ହୁଏ, ତାହା ପରଦିନ ପଟ୍ଟାଙ୍ଗି ବ୍ଲକ ସୀମାନ୍ତ କୋଟିଆ ପଞ୍ଚାୟତରେ ଗଡ଼େ ଶ୍ରୀଜୀଉଙ୍କ ରଥ। ୨୦୦୨ ମେ' ୧ରେ ଗଜପତି ମହାରାଜାଙ୍କ ଦ୍ୱାରା ଏଠାରେ ମନ୍ଦିର ପ୍ରତିଷ୍ଠା ହେବା ପରଠାରୁ ଦୀର୍ଘ ବର୍ଷ ଧରି ଏହି ନିଆରା ପରମ୍ପରା ଚଳିଆସୁଛି। ଗୁରୁବାର ପହଣ୍ଡି କରି ତିନି ଠାକୁରଙ୍କୁ ରଥାରୂଢ଼ କରାଯାଇଥିଲା। ଶୁକ୍ରବାର ଶାବର ଶ୍ରୀକ୍ଷେତ୍ର ପୂଜକ ପ୍ରଶାନ୍ତ ପଣ୍ଡା ପୂଜାର୍ଚ୍ଚନା କରିବା ପରେ ପରମ୍ପରା ଅନୁଯାୟୀ ସିଦ୍ଧେଶ୍ୱର ଗେମେଲ ଛେରା ପହଁରା କରିଥିଲେ। ପ୍ରଭୁ

## ସୀମାନ୍ତ କୋଟିଆରେ ଘୋଷଯାତ୍ରା



ଶୁକ୍ରବାର କୋଟିଆରେ ରଥ ଟଣାଯାଉଛି।

ଜଗନ୍ନାଥଙ୍କ ସ୍ଥାୟୀ ପୂଜକ ମୁଗୁରି ତାଡିଙ୍ଗି ସହଯୋଗ କରିଥିଲେ। ଏହାପରେ ଡାହୁକ ପଠାଣି ସାହୁଙ୍କ ଡାକର ତାଳରେ ସ୍ଥାନୀୟ ଭକ୍ତ ଅପରାହ୍ନ ଗୋଟାଏରେ ରଥଟଣା ଆରମ୍ଭ କରିଥିଲେ। କୋଟିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିକଟସ୍ଥ ଜଗନ୍ନାଥ ମନ୍ଦିରରୁ ରଥ ଟାଣି ତିନି ଠାକୁରଙ୍କୁ ଅଙ୍ଗନୱାଡ଼ି କେନ୍ଦ୍ରରେ ହୋଇଥିବା ମାଉସୀ ମା' ମନ୍ଦିରରେ ଅପରାହ୍ନ ୨ଟା ୧୫ରେ ପହଞ୍ଚାଇଥିଲେ ଭକ୍ତ। ଏହି ଅବସରରେ ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢ଼ୀ, କୋରାପୁଟ ବିଧାୟକ ରଘୁରାମ ପଡାଲ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ପୂର୍ବତନ ବିଧାୟିକା ଚନ୍ଦ୍ରମା ସାନ୍ତା, ପଞ୍ଚାୟତ ସମିତି ଅଧ୍ୟକ୍ଷ ଜଗତଜ୍ୟୋତି ପାଙ୍ଗି, ଜିଲା ପରିଷଦ ଅଧ୍ୟକ୍ଷ ତୁଳସୀ କିର୍ସାନି, ବିଡିଓ କରୁଣାକର ପ୍ରଧାନ, ତହସିଲଦାର ଡ. ଅରୁଣ ଖଣ୍ଡା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଭାଗବତ ମୁର୍ମୁ ଶ୍ରୀଜୀଉଙ୍କ ଦର୍ଶନ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାଇଲା ବେଳକୁ ସାତପୁଅ ମା**
**ହୁଳହୁଳି ଦେଲା ବେଳକୁ ଜିଭରେ ଘାଆ।**

ଖାଇବାକୁ ଆଗୁସାର ଅଥଚ କାମ କରିବାକୁ ବିମୁଖ। ଅନ୍ୟ ଅର୍ଥରେ ନିଜର କାର୍ଯ୍ୟ ସାଧନ ପାଇଁ ଯେତେ ବ୍ୟସ୍ତତା ପ୍ରକାଶ ପାଏ, ଅନ୍ୟକୁ ସାହାଯ୍ୟ କରିବାକୁ ସେତେଟା ବ୍ୟଗ୍ରତା ପରିଲକ୍ଷିତ ହେଉ ନ ଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଖଟତଳେ ଗଲା ବିଛା**
**ଯେଉଁ ଦିନୁ ଧନ ବିଦେଶ ଗଲେଣି**
**ପଲଙ୍କ ପଡ଼ିଛି ତୁଚ୍ଛା।**

ପ୍ରତୀକ୍ଷା ସାଧାରଣତଃ ଯନ୍ତ୍ରଣାଦାୟକ ହୋଇଥାଏ। ସ୍ୱାମୀ ସହ ସୁଖରେ ଘର ସଂସାର କରିବାକୁ ମନସ୍ଥ କରିଥିବା ନାରୀ ଏଥିରୁ ବଞ୍ଚିତ ହେଲେ ସବୁ ସୋହାଗ ସରାଗ ତା'ର ମରିଯାଇଥାଏ। ସ୍ୱାମୀ ବିନା ସବୁ ଖୁସି ତୁଚ୍ଛ ଲାଗିଥାଏ। ଚିରପ୍ରବାସୀ ସ୍ୱାମୀ ପାଇଁ ଦୀର୍ଘ ପ୍ରତୀକ୍ଷାରତ ରମଣୀ ବିରହଜନିତ ଦୁଃଖରେ ଭାଙ୍ଗିପଡ଼ିବା ସ୍ୱାଭାବିକ ହୋଇଥିବା ସ୍ଥଳେ ତା'ର ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ସଂକ୍ଷେପରେ

### ଏଲ୍‌ଡିପି ୱେଲ୍‌ଫେୟାର ଆସୋସିଏସନ୍‌ର କର୍ମକର୍ତ୍ତା ଚୟନ

ଦାମନଯୋଡ଼ି,୫ା୭(ଡି.ଏନ୍.ଏ.)
ଦାମନଯୋଡ଼ି ଅଁଳାବାଡ଼ି କଲୋନୀସ୍ଥିତ ଏଲ୍‌ଡିପି ୱେଲ୍‌ଫେୟାର ଆସୋସିଏସନ୍ ପକ୍ଷରୁ ସ୍ଥାନୀୟ ମା' କଣ୍ଟା ବାଉଁଶୁଣୀ ପୀଠରେ ନୂତନ କମିଟି ଓ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଛି। ନୂତନ କମିଟିରେ ସଭାପତି ଭାବେ ଶତ୍ରୁଘ୍ନ ଖରା, ସାଧାରଣ ସଂପାଦକ ପ୍ରଫୁଲ୍ଲ କୁମାର ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ଜଗବନ୍ଧୁ କୁଲଦୀପ ଓ ପୂର୍ଣ୍ଣ କାଟ୍‌କାରିଆ, ଉପସଭାପତି ନନ୍ଦ ଗୌଡ଼ ଓ ଧର୍ନୁଜୟ ଦାମି, କୋଷାଧକ୍ଷ କମୁଲୁ ହନ୍ତାଳ ଓ ହରିଶ୍ଚନ୍ଦ୍ର ନାୟକ ଏବଂ କାର୍ଯ୍ୟକାରୀ ସଦସ୍ୟ ଭାବେ ସୁବାସ ଗୋଲରୀ, ଦୁର୍ଯ୍ୟ ମନ୍ତ୍ରିପୁଟିଆ, ସୁରେଶ ଗୁମାଣ୍ଡି, ତ୍ରିଲୋଚନ ମୁଦୁଲି, ଭୀମ ମୁଦୁଲି, ଦୈତାରୀ କୁଲଦୀପଙ୍କୁ ଚୟନ କରାଯାଇଛି। ୧୯୮୯-୯୦ରୁ ନାଲ୍‌କୋ ବାସତ୍ୟୁତଙ୍କ ପାଇଁ କାମ କରିଆସୁଥିବା ଏହି ସଂସ୍ଥା ଏଲ୍‌ଡିପି ଲୋକମାନଙ୍କ ବିଭିନ୍ନ ସମସ୍ୟା, ବେକାରୀ, କଲୋନୀର ବିକାଶ, ବାସତ୍ୟୁତଙ୍କ ମୌଳିକ ଅଧିକାର ଉପରେ କମିଟି ବିଶେଷ ଧ୍ୟାନ ଦେବ ବୋଲି ସାଧାରଣ ସଂପାଦକ ପ୍ରକାଶ କରିଛନ୍ତି।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ଜୟପୁର,୫ା୭(ଡି.ଏନ୍.ଏ.): ଜୟପୁର ଟାଉନଥାନା ଅନ୍ତର୍ଗତ ପି.ଆର. ପେଟା ପ୍ରଥମ ଲାଇନର ଜଣେ ମହିଳା ଘରେ ଶୋଇଥିବା ବେଳେ ସନ୍ଦେହଜନକ ମୃତ୍ୟୁ ହୋଇଛି। ତାଙ୍କ ପାଟିରୁ ଫେଣ ବାହାରୁଥିବା ଯୋଗୁ ସେ ବିଷ ପିଇଥିବା ସନ୍ଦେହ କରାଯାଉଛି। ମୃତଦେହର ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଶୁକ୍ଲା ମଣ୍ଡଳ ପ୍ରକାଶ କରିଛନ୍ତି। ମୃତକ ହେଲେ ସନ୍ତୋଷ ଜେନାଙ୍କ ସ୍ତ୍ରୀ ଗୌରୀ ଜେନା (୨୫)। ସ୍ୱାମୀ ପୂର୍ବାହ୍ନରେ ବାହାରକୁ କିଛି କାମରେ ଯାଇଥିବା ବେଳେ ଅପରାହ୍ନ ୨ଟାରେ ଫେରିବା ପରେ ଭଡ଼ାଘର ଖଟ ଉପରେ ସ୍ତ୍ରୀଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ପୋଲିସ ଖବର ପାଇ ମୃତଦେହ ଜବତ ପରେ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ବନ ମହୋତ୍ସବ



କୁନ୍ଦୁରା,୫ା୭(ଡି.ଏନ୍.ଏ.): କୁନ୍ଦୁରା ବ୍ଲକ ଲିମା ବନାଞ୍ଚଳ ପକ୍ଷରୁ ବୀରେନ୍ଦ୍ର ନାରାୟଣ ପାଢ଼ୀଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ବନ ମହୋତ୍ସବ ପାଳିତ ହୋଇଛି। ଏଥିରେ ପଞ୍ଚାୟତ ସମିତି ଅଧକ୍ଷ ସୁରେନ୍ଦ୍ର ପରଜା, ଲାଛନାଗୁଡ଼ା ପ୍ରଧାନଶିକ୍ଷକ ରାମକୃଷ୍ଣ ସାବତ, କୁନ୍ଦୁରା ଥାନା ଆଇଆଇସି ଭବାନୀ ମୁଦୁଲି ଓ ବନ କର୍ମଚାରୀ ଯୋଗ ଦେଇଥିଲେ। ଅତିଥିଙ୍କ ଦ୍ୱାରା ଲାଛନାଗୁଡ଼ା ଉଚ୍ଚ ବିଦ୍ୟାଳୟରେ ଚାରା ରୋପଣ କରାଯାଇଥିଲା ଓ ବନ ମହୋତ୍ସବ ସମ୍ପର୍କିତ ସଚେତନତା କର୍ମଶାଳା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ସରୋଜ ପାଢ଼ୀ, ଡିଇଓ କାହ୍ନୁ ନାୟକ ଯୋଗ ଦେଇଥିଲେ।


ଜୟପୁରରେ ଶୁକ୍ରବାର ମହିଳାମାନେ ଦେବୀ ସୁଭଦ୍ରାଙ୍କ ରଥ ଟାଣୁଛନ୍ତି।


ଦାମନଯୋଡିରେ ୩ ଠାକୁରଙ୍କ ମତ୍ସ୍ୟ ଅବତାର।


ଶାବର ଶ୍ରୀକ୍ଷେତ୍ରରେ ତିନି ଠାକୁରଙ୍କ ମତ୍ସ୍ୟ ଅବତାର।

# ପ୍ରବଳ ବର୍ଷାରେ ରଥ ଟାଣିନେଲେ ଭକ୍ତ

ଜୟପୁର,୫ା୭(ନି.ପ୍ର./ଡି.ଏନ୍.ଏ.)

ଜୟପୁର ଐତିହାସିକ ରଥଯାତ୍ରାରେ ଗୁରୁବାର ପହଣ୍ଡିରେ ଆସି ରଥାରୂଢ଼ ହୋଇଥିଲେ ତିନି ଠାକୁର। ଶୁକ୍ରବାର ଅପରାହ୍ନ ସାଢ଼େ ୩ଟାରେ ରଥାଟଣା ହୋଇଛି। ପ୍ରାୟ ୧୦୦ ମିଟର ରଥଟଣା ହେବା ପରେ ପ୍ରବଳ ବର୍ଷା ଆରମ୍ଭ ହୋଇଥିଲେ ମଧ୍ୟ ଭକ୍ତମାନେ ତିନି ଠାକୁରଙ୍କ ରଥକୁ ଶ୍ରଦ୍ଧା ସହକାରେ ଟାଣି ନେଇଥିଲେ। ଡାହୁକଙ୍କ ଡାକର ପ୍ରକମ୍ପିତ ହୋଇଉଠିଥିଲା ଜୟପୁର ବଡଦାଣ୍ଡ। ସନ୍ଧ୍ୟା ୭ଟା ୪୫ରେ ବାଙ୍କମଠରେ ପହଞ୍ଚିଥିଲା ରଥ। ବଡ଼ରଥକୁ ପୁରୁଷମାନେ ଟାଣିଥିବା ବେଳେ ଛୋଟ ରଥ ଅର୍ଥାତ ପତିତପାବନଙ୍କ ରଥକୁ ମହିଳାମାନେ ଟାଣିଥିଲେ। ରଥଟଣା ସମୟରେ ବୈପାରିଗୁଡ଼ାର ଦୁରୁଆ ଓ କଳାହାଣ୍ଡିର ଘୁମୁରା ନାଚ ମନ ମୋହିଥିଲା। ଜୟପୁର ସହର ଖଡ଼ରା ସମାଜର ଘଣ୍ଟୁଆମାନେ ବର୍ଷାକୁ ଖାତିର ନ କରି ରଥ ସମ୍ମୁଖରେ ସେମାନଙ୍କ ସେବା ସମ୍ପାଦନ କରିଥିଲେ। ଇସ୍କନ ଓ ସ୍ଥାନୀୟ କୀର୍ତ୍ତନ ମଣ୍ଡଳୀ ଦ୍ୱାରା ସଙ୍କୀର୍ତ୍ତନ କରାଯାଇଥିଲା। ରଥଟଣା ସମୟରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ଅତିରିକ୍ତ ତହସିଲଦାର ମାନସ ପଟ୍ଟନାୟକ, ଏସ୍‌ଡିପିଓ ସାଗରିକା ନାଥ, ଟାଉନ ଥାନା ଅଧିକାରୀ ବାଲେଶ୍ୱର ଗିଧି, ସଦର ଥାନା ଅଧିକାରୀ ଧୀରେନ୍ଦ୍ର କୁମାର ବେହେରା ଉପସ୍ଥିତ ଥିଲେ। ବାଙ୍କମଠରେ ଦଶଦିନ ରହିବା ବେଳେ ଦଶାବତାରରେ ଦର୍ଶନ ଦେବେ ଠାକୁର।

## ପୃଥକ୍ ଦୁର୍ଘଟଣା
# ଜଣେ ମୃତ, ୪ ଗୁରୁତର

କୋରାପୁଟ,୫ା୭(ସ୍ୱ.ପ୍ର.)

କୋରାପୁଟରେ ପୃଥକ୍ ବାଇକ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଏଥିରେ ୪ ଜଣ ଗୁରୁତର ହୋଇ କୋରାପୁଟ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ମିଳିଥିବା ସୂଚନାରୁ ଜଣାପଡ଼ିଛି ଯେ କୋରାପୁଟ ସଦର ଥାନା ଅନ୍ତର୍ଗତ ବଲେଗୁଡା ଗ୍ରାମର ରାଜେଶ ବେନିଆ ଓ ଏମ୍. ବେନିଆ ଏକ ବାଇକ ଯୋଗେ କୋରାପୁଟ ଆସୁଥିବା ବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ୨ ଜଣଙ୍କୁ କୋରାପୁଟ ମେଡିକାଲରେ ଭର୍ତ୍ତି କରାଯାଇଛି। ରାଜେଶ ବେନିଆଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସେହିପରି ଅନ୍ୟ ଏକ ଘଟଣାରେ ସଦର ଥାନା ଅନ୍ତର୍ଗତ ହରିଡ଼ାପୁଟ ଗ୍ରାମର ବୁଜୁ ବାଘ, ମହନ୍ତ ବାଘ ଓ ପ୍ରଦୀପ ବାଘ କୋରାପୁଟ ସରକାରୀ ମହାବିଦ୍ୟାଳୟକୁ ଏକ ବାଇକ ଯୋଗେ ଆସୁଥିବାବେଳେ ମନ୍ତ୍ରିପୁଟ ଛକରେ ବିପରୀତ ଦିଗରୁ ଏକ ବାଇକ ଧକ୍କା ଦେବା ଫଳରେ ୩ ଜଣ ଗୁରୁତର ହୋଇ କୋରାପୁଟ ମେଡିକାଲରେ ଚିକିତ୍ସିତ ହେଉଥିବାବେଳେ ବିଜୁ ବାଘଙ୍କ ମୃତ୍ୟୁ ହୋଇଛି।

## ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

ବ୍ରହ୍ମପୁର ଅଫିସ,୫ା୭-
ବ୍ରହ୍ମପୁର ରେଳବାଇ ଥାନା ପୋଲିସ କନିଷି ନିକଟ ରେଳଧରଣା କଡ଼ରୁ ଶୁକ୍ରବାର ଅପରାହ୍ନରେ ଜଣେ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର କରିଛି। ତାଙ୍କ ପରିଚୟ ମିଳିପାରି ନ ଥିବା ଥାନାଧିକାରୀ ସୁକାନ୍ତ ଭୋଇ ସୂଚନା ଦେଇଛନ୍ତି। ପୋଲିସ ଏନେଇନଂ. ୨୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ■ ଶାବର ଶ୍ରୀକ୍ଷେତ୍ର
# ମତ୍ସ୍ୟ ଅବତାର ଦେଖି ଭକ୍ତ ବିଭୋର

କୋରାପୁଟ,୫ା୭(ସ୍ୱ.ପ୍ର.)

କୋରାପୁଟ ଶାବର ଶ୍ରୀକ୍ଷେତ୍ର ରଥଯାତ୍ରାର ଦ୍ୱିତୀୟ ଦିନରେ ଶୁକ୍ରବାର ଶ୍ରୀ ଗୁଣ୍ଡିଚା ମନ୍ଦିରରେ ୩ ରଥ ପହଞ୍ଚିଛନ୍ତି। ପୂର୍ବାହ୍ନ ୧୦ଟା ୪୦ରୁ ଦ୍ୱିତୀୟ ଟ୍ରାଫିକ ଛକଠାରେ ଅଟକି ରହିଥିବା ମା' ସୁଭଦ୍ରାଙ୍କ ରଥଟଣା ଆରମ୍ଭ ହୋଇଥିଲା। ପରେ ପୋଲିସ ପଡ଼ିଆ ସମ୍ମୁଖ ପ୍ରଥମ ଟ୍ରାଫିକ ଛକଠାରେ ଅଟକି ରହିଥିବା ମହାପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟଣାଯାଇଥିଲା। ମଧ୍ୟାହ୍ନ ୧୨ଟା ସୁଦ୍ଧା ଏହି ଦୁଇ ରଥ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଞ୍ଚିଥିଲେ। ରଥଯାତ୍ରାର ଦ୍ୱିତୀୟ ଦିନରେ ମଧ୍ୟ ହଜାର ହଜାର ଭକ୍ତଙ୍କ ସମାଗମରେ ଏହି ରଥଟଣା କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ଶ୍ରୀଗୁଣ୍ଡିଚା ମନ୍ଦିରରେ ୩ ରଥ ପହଞ୍ଚିବା ପରେ ୧୨ଟା ୩୦ରେ ଠାକୁରଙ୍କ ସିଂହାସନ ଶୁଦ୍ଧି କରାଯାଇ ଚତୁର୍ଦ୍ଧା ମୂରତିଙ୍କୁ ରଥରୁ ଗୋଟି ପହଣ୍ଡିରେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ନିଆଯାଇଥିଲା। ସେଠାରେ ପାରମ୍ପରିକ ପୂଜାର୍ଚ୍ଚନା ପରେ ଅପରାହ୍ନ ଗୋଟାଏ ୩୦ରେ ଭକ୍ତଙ୍କ ଦର୍ଶନ ପାଇଁ ଖୋଲାଯାଇଥିଲା। ଶୁକ୍ରବାର ସନ୍ଧ୍ୟାରେ ଠାକୁରଙ୍କ ପାଖରେ ହୋମଯଜ୍ଞ କରାଯିବା ପରେ ଶ୍ରୀଜୀଉଙ୍କ ମତ୍ସ୍ୟ ଅବତାର କରାଯାଇ ସାହାଣମେଳା କରାଯାଇଥିଲା।

## ■ ଠିକ୍ ସମୟରେ ଦରମା, ପ୍ରୋତ୍ସାହନ ରାଶି ଦାବି
# ଧାରଣା ଦେଲେ ଠିକା ନର୍ସ

କୋରାପୁଟ,୫ା୭(ସ୍ୱ.ପ୍ର.)

କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲରେ କାର୍ଯ୍ୟ କରୁଥିବା ସମସ୍ତ ଠିକାନର୍ସ ବିଭିନ୍ନ ଦାବି ନେଇ ଶୁକ୍ରବାର ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ମାସର ପ୍ରଥମ ସପ୍ତାହରେ ଦରମା, ପୋଷାକ ଓ ପ୍ରୋତ୍ସାହନ ରାଶି ଭଳି ବିଭିନ୍ନ ଦାବି ନେଇ ଶୁକ୍ରବାର ସକାଳେ ମେଡିକାଲ କଲେଜରେ କାର୍ଯ୍ୟରତ ସମସ୍ତ ପୁରୁଷ ଓ ମହିଳା ଠିକା ନର୍ସ ଧାରଣା ଦେଇଥିଲେ। ଅଧୀକ୍ଷକ ଡାକ୍ତର ହରେକୃଷ୍ଣ ପ୍ରଧାନଙ୍କ ସହ ଦୀର୍ଘ ସମୟ ଆଲୋଚନା ପରେ ସେ ଦାବି ସମ୍ପର୍କିତ ପ୍ରତିଶ୍ରୁତି ଦେବାରୁ ଧାରଣାରୁ ଓହରିଥିଲେ ନର୍ସ। ପ୍ରତ୍ୟେକ ମାସର ୫ ତାରିଖରେ ଦରମା ଦେବା ପାଇଁ ବାରମ୍ବାର

## ମେଡିକାଲ କଲେଜ ଅଧୀକ୍ଷକଙ୍କ ପ୍ରତିଶ୍ରୁତି ପରେ ହଟିଲା ଧାରଣା


ଧାରଣାରେ ବସିଛନ୍ତି ଠିକା କର୍ମଚାରୀ।

କୁହାଯାଉଛି। କିନ୍ତୁ ମିଳିବା ବେଳକୁ ୨୫ ତାରିଖ ହୋଇଯାଉଛି। ସେହିପରି ପ୍ରୋତ୍ସାହନ ରାଶି କିମ୍ବା ପୋଷାକ ଦିଆଯାଉ ନାହିଁ ବୋଲି ଧାରଣାରତ ପୁରୁଷ ନର୍ସ ମାନସ କୁମାର ବାରିକ ଓ ମହିଳା ନର୍ସ ଗୀତାଞ୍ଜଳି ରାଉତ ଅଭିଯୋଗ କରିଥିଲେ। ଧାରଣାରତ ନର୍ସଙ୍କ ସହ ଆଲୋଚନା ବେଳେ ମେଡିକାଲର ମ୍ୟାନେଜର ଶୁଭେନ୍ଦୁ ପଣ୍ଡା ଉପସ୍ଥିତ ଥିଲେ।

# ସରକାର ନେଲେନି, ରବିଧାନ କିଣିଲେ ବ୍ୟବସାୟୀ

ଜୟପୁର,୫ା୭(ଡି.ଏନ୍.ଏ./ନି.ପ୍ର.)

କୋରାପୁଟ ଜିଲାର ୪୬ଟି ମଣ୍ଡିରେ ୧୦ ଲକ୍ଷ କୁଇଣ୍ଟାଲରୁ ଅଧିକ ରବିଧାନ କିଣାଯାଇଥିଲେ ମଧ୍ୟ ଶେଷ ଦିବସରେ ୩ଟି ମଣ୍ଡିରେ ୧୩ ହଜାର କୁଇଣ୍ଟାଲ ଧାନ କିଣାଯାଇପାରି ନଥିଲା। ଏନେଇ ଚାଷୀ ଅସନ୍ତୁଷ୍ଟ ହେବା ସହ ଏହି ଧାନ କିପରି ବିକ୍ରି ହେବ ସେହି ଚିନ୍ତା ବଢ଼ିଥିଲା। ପ୍ରଶାସନ ତୁରନ୍ତ ଧାନ କିଣିବା ପାଇଁ ବୋଲି ବଡ଼ଜିଉନା ଅଞ୍ଚଳର ଚାଷୀ ଶୁକ୍ରବାର ଜୟପୁର ଉପଜିଲାପାଳଙ୍କୁ ଭେଟିବାକୁ ଆସିଥିଲେ। କିନ୍ତୁ ସେ କୋରାପୁଟରେ ପ୍ରଶାସନିକ ବୈଠକ ପାଇଁ ଯାଇଥିବାରୁ ଚାଷୀମାନେ ଜିଲା ଯୋଗାଣ ଅଧିକାରୀଙ୍କୁ ଭେଟିଛନ୍ତି। ଅନ୍ୟପକ୍ଷରେ ସରକାର ନ କିଣିବା ପରେ ଶେଷରେ ସରକାରୀ ଧାର୍ଯ୍ୟ ଦର ଅନୁଯାୟୀ ବଳିପଡ଼ିଥିବା ଧାନ କିଣିଛନ୍ତି କେତେକ ବ୍ୟବସାୟୀ ଓ ମିଲ୍ ମାଲିକ। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ଜୟପୁର ବ୍ଲକ ବଡ଼ଜିଉନା ମଣ୍ଡିରେ ୨୬ ଜଣ ଚାଷୀଙ୍କ ୨୩୩୧ କୁଇଣ୍ଟାଲ ଏବଂ କୋଟପାଡ଼ ବ୍ଲକ ବୋବୟା ମଣ୍ଡିରେ ୨୭ଜଣ ଚାଷୀଙ୍କ ୨୩୦୦ କୁଇଣ୍ଟାଲ ଧାନ ବେପାରୀ ଓ ମିଲ ମାଲିକ କିଣିଛନ୍ତି। କିନ୍ତୁ ବୋବେୟା ମଣ୍ଡିରେ ଚାଷୀ ଓ ବ୍ୟବସାୟୀଙ୍କ ମଧ୍ୟରେ ଧାନର ମାନକୁ ନେଇ ଆଲୋଚନା ଚାଲିଛି। କୁଇଣ୍ଟାଲ ପିଛା କେତେ କିଲୋଗ୍ରାମ ଧାନ କାଟ୍ ଖାଇବ, ତାହା ନିଷ୍ପତ୍ତି ହୋଇନାହିଁ। ବୋବେୟା ମଣ୍ଡିରେ ୯୪ ଚାଷୀଙ୍କ ୯୧୫୫ କୁଇଣ୍ଟାଲ ଧାନ ପଡ଼ିଛି। ଆପୋଷ ଆଲୋଚନା ଦ୍ୱାରା ଏହାର ସମାଧାନ ସହ ଧାନ କିଣାଯିବା ନେଇ ଚାଷୀ ଆଶାବ୍ୟକ୍ତ କରିଛନ୍ତି।

# ଆଦିବାସୀ ମହାବିଦ୍ୟାଳୟରେ ବନ ମହୋତ୍ସବ

ଦଶମନ୍ତପୁର,୫ା୭(ସ୍ୱ.ପ୍ର.)

ଦଶମନ୍ତପୁର ବ୍ଲକ୍‌ସ୍ଥିତ ରାଧାକୃଷ୍ଣ ଆଦିବାସୀ ମହାବିଦ୍ୟାଳୟରେ ବନ ମହୋତ୍ସବ ପାଳିତ ହୋଇଛି। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ତ୍ରିନାଥ ପାତିକାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଆର୍ତ୍ତତ୍ରାଣ ଆଚାର୍ଯ୍ୟ, ଅନୀଲ୍ ଦୋରା, ଡ. ପ୍ରଶାନ୍ତ କନ୍ଧପାନଙ୍କ ସମେତ +୨ ଓ +୩ କଳା ଛାତ୍ରୀଛାତ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପରିବେଶ ସୁରକ୍ଷା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅଧ୍ୟକ୍ଷ ପାତିକା ଚାରାରୋପଣର ବିଶେଷତ୍ୱ ସମ୍ପର୍କରେ ବୁଝାଇଥିଲେ। ଏହି ଉପଲକ୍ଷେ କଲେଜ ପରିସରରେ ବିଭିନ୍ନ କିସମର ଶତାଧିକ ଚାରା ଲଗାଯାଇଥିଲା।


କଲେଜ ପରିସରରେ ଚାରା ଲଗାଯାଉଛି।

## ■ ବନ ମହୋତ୍ସବରେ ଚାରା ବାଣ୍ଟୁଛି ବନ ବିଭାଗ
# ପ୍ରତି ପରିବାରକୁ ୨ ଚାରା

ସେମିଳିଗୁଡ଼ା,୫ା୭(ସ୍ୱ.ପ୍ର.)

କୋରାପୁଟ ଜିଲାକୁ ସବୁଜ ସୁନ୍ଦର କରିବା ପାଇଁ ପ୍ରଥମ ପଦକ୍ଷେପ ଭାବେ ପ୍ରତି ପରିବାରକୁ ମାଗଣାରେ ୨ଟି ଲେଖାଏଁ ଚାରା ବଣ୍ଟାଯାଉଛି। କୋରାପୁଟ ବନ ବିଭାଗ ସେମିଳିଗୁଡ଼ାରେ ଏଭଳି ଅଭିନବ ଉପାୟରେ ଚାରା ବାଣ୍ଟୁଛି। ସେମିଳିଗୁଡ଼ା ସ୍ଥିତ ଭେଣ୍ଡିଂଜୋନ୍‌ର ଜାତୀୟ ରାଜପଥ ପାର୍ଶ୍ୱରେ ଏକ ତମ୍ବୁ ପକାଇ ଚାରା ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି ଜିଲା ବନ ଅଧିକାରୀ ପି. ପୂର୍ଣ୍ଣିମା। ବନ ମହୋତ୍ସବ ସପ୍ତାହରେ ଦିନକୁ ୨୫ଶହ ଚାରା ବଣ୍ଟାଯିବାର କାର୍ଯ୍ୟକ୍ରମ ରହିଛି। ମହୋତ୍ସବର ୧୦ ଦିନ ଭିତରେ ୩୦ ହଜାର ଚାରା ମାଗଣାରେ ବଣ୍ଟାଯିବା ପାଇଁ ବ୍ୟବସ୍ଥା ହୋଇଥିବା ସେମିଳିଗୁଡ଼ା ବନ ଅଧିକାରୀ ଜଗନ୍ନାଥ ବିଷୋୟୀ କହିଛନ୍ତି। ଚାରା ଭିତରେ ବେଲ, ଅଁଳା, ନିମ, ମହାନିମ, ଆମ୍ବ, କଦମ୍ବ, ଜାମୁ, ବଉଳ ଭଳି ବହୁ ଫଳଗଛର ଚାରା ବଣ୍ଟାଯାଇଥିଲା। ଏହି ଅବସରରେ ଏସିଏଫ୍ ଉମା ମହେଶଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।


ବନ ଅଧିକାରୀ ଚାରା ବଣ୍ଟନ କରୁଛନ୍ତି।

# ଦୁର୍ଘଟଣା: ଆଖି ବୁଜିଲେ ଗୁରୁତର

କୋରାପୁଟ,୫ା୭(ସ୍ୱ.ପ୍ର.)

## ରେଡକ୍ରସ ପାଣ୍ଠି ଓ ହରିଶ୍ଚନ୍ଦ୍ର ଯୋଜନାରେ ଦିଆଗଲା ୧୨ହଜାର ଲେଖାଏଁ ସହାୟତା ରାଶି

ସେମିଳିଗୁଡ଼ାରେ ଗୁରୁବାର ସନ୍ଧ୍ୟାରେ ହୋଇଥିବା ବାଇକ ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ୨କୁ ବୃଦ୍ଧି ପାଇଛି। ମୃତକଙ୍କ ପରିବାରକୁ ସହାୟତା ରାଶି ଭାବେ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରିଛି ଜିଲା ପ୍ରଶାସନ। ହରିଶ୍ଚନ୍ଦ୍ର ଯୋଜନାରେ ମୃତକଙ୍କ ପରିବାରକୁ ୨ ହଜାର ଟଙ୍କା ଲେଖାଏଁ ମଧ୍ୟ ଦିଆଯାଇଥିବା ଜିଲା ଜରୁରୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ସେମିଳିଗୁଡ଼ା ନୂତନ ହାଟ ନିକଟରେ ଦ୍ରୁତଗତିରେ ବାଇକ ଚଳାଇ ଯାଉଥିବା ବେଳେ ଦୁର୍ଘଟଣା ଘଟି ଦଶମନ୍ତପୁର ବ୍ଲକ ମୁଜାଙ୍ଗ ଗ୍ରାମର ରିଙ୍କୁ ବେଷ୍ଟକାର (୧୬)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ସେହିପରି ଦଶମନ୍ତପୁର ବ୍ଲକ ଦେଓଖଡ଼ା ଗ୍ରାମର ଦୁର୍ଜୟ ପୂଜାରୀ (୨୬) ଗୁରୁତର ହୋଇ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍‌ପିଟାଲରେ ଭର୍ତ୍ତି ହୋଇଥିଲେ। ଶୁକ୍ରବାର ସକାଳେ ତାଙ୍କର ମୃତ୍ୟୁ ହୋଇଥିଲା। ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି ମେଡିକାଲରେ ପହଞ୍ଚିବା ପରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବା ପାଇଁ ଜିଲାପାଳଙ୍କୁ ନିବେଦନ କରିଥିଲେ। ଉଭୟଙ୍କ ମୃତଦେହ ବ୍ୟବେଚ୍ଛଦ କରାଯାଇ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି।










## ସଂକ୍ଷେପରେ

### ଗୋ ହତ୍ୟା ଅଭିଯୋଗରେ ଜଣେ ଅଟକ



ଗୁଣପୁର,୫।୭(ଡି.ଏନ.ଏ): ରାୟଗଡା ଜିଲା ଗୁଣପୁର ବ୍ଲକ ସାମ୍ପିନି ଅଞ୍ଚଳରେ ଗୋ ହତ୍ୟା ଅଭିଯୋଗରେ ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି । ସେ ହେଲେ ରାଉତ । ଏହି ଘଟଣାରେ ସମ୍ପୃକ୍ତ ଥିବା ସୁକାନ୍ତ ଶବର, ଲକ୍ଷ୍ମଣ ଶବର, ନଟ ଶବର, ଭୀମ ଶବର, ବୁଡ ଶବର, ନିଳାମ୍ବର ଶବର ପ୍ରମୁଖ ଫେରାର ଥିବା ଗୁଣପୁର ଥାନାରେ ଅଭିଯୋଗ ହୋଇଛି। ସାମ୍ପିନି ଅଞ୍ଚଳରେ ଏକ ଗର୍ଭିଣୀ ଗାଈକୁ ହତ୍ୟା କରି ଏହାର ମାଂସ ଏବଂ ଚମଡାକୁ ବିକ୍ରୟ କରାଯାଉଥିବା ଖବରପାଇ ଜିଲା ପ୍ରାଣୀ ମଙ୍ଗଳ ଅଧିକାରୀ ରାଜେନ୍ଦ୍ର ଆଚାରି ସେଠାରେ ପହଁଞ୍ଚିବା ସହ ଥାନାକୁ ସୂଚନା ଦେଇଥିଲେ । ପୋଲିସ ସେଠାକୁ ଯାଇ ରାଉତଙ୍କୁ ଧରିଥିବା ବେଳେ ଅନ୍ୟମାନେ ଫେରାର ହୋଇଯାଇଥିଲେ । ପୋଲିସ ଘଟଣାର ତଦନ୍ତ ଆରମ୍ଭ ଚଳାଇଛି ।

### କଏଦୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ରାୟଗଡା ଅଫିସ୍, ୫।୭: ରାୟଗଡା ଉପକାରାଗାରରେ ଥିବା କଏଦୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି । ୧୨୧ ଜଣ କଏଦୀଙ୍କ ସ୍ୱାସ୍ଥ୍ୟକୁ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତରମାନେ ପରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ । ସ୍ୱାସ୍ଥ୍ୟ ପରୀକ୍ଷା ବେଳେ କଏଦୀମାନଙ୍କ ଏଚ୍ଆଇଭି, ଯକ୍ଷ୍ମା, ରକ୍ତଚାପ, ମାନସିକ ରୋଗ, ଚର୍ମ ରୋଗ, ମଧୁମେହ ଇତ୍ୟାଦି ରୋଗ ପରୀକ୍ଷା କରାଯାଇଥିଲା । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଶକ୍ତିବ୍ରତ ମହାନ୍ତି, ଡାକ୍ତର ଏମ୍.ଏ. ମାଜିଦ, ପି.କେ ସୁବୁଦ୍ଧି, ପୂର୍ଣ୍ଣଚନ୍ଦ୍ର କାଦମ୍ବଳ, ତୃପ୍ତିମୟୀ ସାହୁ ପ୍ରମୁଖ ଉପସ୍ଥିତ ରହି କଏଦୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଜେଲ୍ର ଏସ୍.କେ ବାରିକ ଏବଂ ଡାକ୍ତର ଆର୍.ଏନ୍ ମହାରଣା ପରିଚାଳନା କରିଥିଲେ ।

# ପାଣି ପାଇଁ ଡହଳବିକଳ ବନ୍ଦିରିବାସୀ

## ୨ ମାସ ହେଲା

ଚନ୍ଦ୍ରପୁର, ୫।୭(ଡ଼ି.ଏନ.ଏ)

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକ ଚନ୍ଦ୍ରପୁର ପଞ୍ଚାୟତ ଅଧୀନ ବନ୍ଦିରି ଗ୍ରାମର ଉପରସାହି ବାସିନ୍ଦା ପାଣି ପାଇଁ ଡ଼ହଳବିକଳ ହେଉଛନ୍ତି । ଦୀର୍ଘ ୨ ମାସରୁ ଊର୍ଦ୍ଧ୍ୱ ହେଲାଣି ପିଇବା ପାଣି ମିଳୁନାହିଁ। ଏଠାରେ ଥିବା ନଳକୂପ ଅଚଳ ହୋଇପଡିଛି । କୂଅଟିଏ ରହିଛି ସତ ହେଲେ ସେଥିରେ ଅଳ୍ପ ପାଣି ରହିବା ସହ ଗୋଳିଆ ବାହାରୁଛି। ଫଳରେ ପିଇବା ପାଣି ପାଇଁ ସାହି ବାସିନ୍ଦା ନାହିଁ ନ ଥିବା ହଇରାଣ ହେଉଛନ୍ତି ବୋଲି



ମହିଳାମାନେ ଗୋଳିଆ ପାଣି ଦେଖାଉଛନ୍ତି ।

ଗ୍ରାମର ସଙ୍ଗୀତା ଟାଙ୍ଗୀରିଙ୍ଗା, ସାରୀ ଟାଙ୍ଗାରୀଙ୍ଗା, ଅନିତା ଟାଙ୍ଗାରୀଙ୍ଗା, ମାଲରି ଟାଙ୍ଗରୀଙ୍ଗା, କାର୍ଲିନା ଟାଙ୍ଗାରୀଙ୍ଗା ଅଭିଯୋଗ କରିଛନ୍ତି । ଗ୍ରାମବାସୀ ଏନେଇ ଗତ ମଙ୍ଗଳବାର ସରପଞ୍ଚ ସୁଜିତ କୁମାର କ୍ରେଡେକାଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଅତିଶୀଘ୍ର ପିଇବା ପାଣିର ବ୍ୟବସ୍ଥା କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଜଳଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ଜିତେନ୍ଦ୍ର କୁମାର ପାତ୍ରଙ୍କୁ ପଚାରିବାରୁ, ଆମ ବିଭାଗରେ ଅର୍ଥର ବ୍ୟବସ୍ଥା ନାହିଁ। ପଞ୍ଚାୟତରୁ ଅର୍ଥ ନଳକୂପ ନିମନ୍ତେ ଜମା କଲେ ବିଭାଗ ତରଫରୁ ସଙ୍ଗେ ସଙ୍ଗେ ନୂତନ ନଳକୂପ ଖୋଳାଯିବ ବୋଲି ସେ କହିଛନ୍ତି ।

# ୨୬୦ ଚାରା ରୋପଣ

ଡାବୁଗାଁ, ୫।୭ (ଡି.ଏନ୍.ଏ.)

ଡାବୁଗାଁ ବନାଞ୍ଚଳ ଅଧୀନ କୋଇଲାରୀ ଗ୍ରାମ ବିଦ୍ୟାଳୟରେ ବନ ବିଭାଗ ପକ୍ଷରୁ ଚାରାରୋପଣ କରାଯାଇଛି। ଏଥିରେ ନବରଙ୍ଗପୁର ସହକାରୀ ବନ ସଂରକ୍ଷକ ତଥା ଡାବୁଗାଁ ବନାଞ୍ଚଳ ଅଧିକାରୀ ଧନୁର୍ଜୟ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚାରାରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାବୁଗାଁ ବନପାଳ ଲକ୍ଷ୍ମୀକାନ୍ତ ସାହୁ, ବନରକ୍ଷୀ ପ୍ରକାଶ ସରକାର, ପ୍ରଧାନଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ବେହେରାଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏଠାରେ ମୋଟ ୧୬୦ଟି ଚାରା ରୋପଣ କରାଯାଇଥିଲା। ସେହିପରି ମଇଦଲପୁର ସେକସନ ଅଧୀନ ସାନବାର୍ଲି ପଞ୍ଚାୟତ କାର୍ଯ୍ୟାଳୟରେ ଚାରାରୋପଣ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସରପଞ୍ଚ ପଦ୍ମିନୀ ନାୟକ ଚାରାରୋପଣ କରିଥିଲେ। ନାୟବ ସରପଞ୍ଚ ସିନ୍ଧୁ ନାୟକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ନୀଳାମ୍ବର ଗୋପାଳ, ୱାର୍ଡ ସଭ୍ୟ ନୀଳାମ୍ବର ନାୟକ, ମଇଦଲପୁର ସେକସନ ବନପାଳ ଉମାକାନ୍ତ ପଟ୍ଟନାୟକ, ବନରକ୍ଷୀ ସୁବ୍ରତ ବବାଲି, ପୂର୍ବତନ ସରପଞ୍ଚ ପଦ୍ମନ ନାୟକ ଏବଂ ଆମ ଜଙ୍ଗଲ ଯୋଜନା କର୍ମକର୍ତ୍ତା କୃପାଦାସ ମହୁରିଆ, ହରିହର ନାୟକଙ୍କ ସମେତ ଓ ଅଙ୍ଗନୱାଡି, ଆଶା କର୍ମୀ,ଛାତ୍ରୀଛାତ୍ର ମାନେ ଉପସ୍ଥିତ ଥିଲେ । ଏଠାରେ ମୋଟ ୧୦୦ ଟି ଚାରା ରୋପଣ କରାଯାଇଛି।




ଚାରା ରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅନ୍ୟମାନେ।

# ଜିଲା ଯୋଗାଣ ଅଧିକାରୀ ନିଯୁକ୍ତ

ଗୁଣପୁର,୫।୭(ଡି.ଏନ.ଏ)

ରାୟଗଡା ଜିଲା ଯୋଗାଣ ଅଧିକାରୀ ଭାବେ ପି.ଡି.ଏମ. ଖୋସଲା ନିଯୁକ୍ତି ପାଇଛନ୍ତି । ରାଜ୍ୟ ଖାଦ୍ୟ ଏବଂ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଶୁକ୍ରବାର ଏହି ନୂତନ ନିଯୁକ୍ତି ପ୍ରଦାନ କରାଯାଇଛି । ଝାରସୁଗୁଡାର ପୂର୍ବତନ ଜିଲାଯୋଗାଣ ଅଧିକାରୀ ନିଲମ୍ବିତ ହୋଇଥିବାବେଳେ ତାଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇ ରାୟଗଡା ଜିଲାଯୋଗାଣ ଅଧିକାରୀ ଭାବେ ବଦଳି କରାଯାଇଛି। ପୁରୁଷୋତ୍ତମ ଲେଙ୍କା ଜିଲାଯୋଗାଣ ଅଧିକାରୀ ଭାବେ ଏଠାରୁ ଅବସର ନେବା ପରେ ଏହି ପଦବୀ ଏଠାରେ ଖାଲି ରହିଥିଲା । ଗୁଣପୁର ସହକାରୀ ଯୋଗାଣ ଅଧିକାରୀ ବଜେନ୍ଦ୍ର ନାୟକ ଜିଲାଯୋଗାଣ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ସଂପାଦନା କରୁଥିଲେ ।

# ବିଭିନ୍ନ ପ୍ରତିଯୋଗିତା

ରାୟଗଡା ଅଫିସ୍, ୫।୭

ଓଡ଼ିଶା ସାହିତ୍ୟ ଏକାଡେମି ପ୍ରତିଷ୍ଠା ଦିବସ ପାଳନ ଉପଲକ୍ଷେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ, ସାଧାରଣଜ୍ଞାନ ଓ କବିତା ଆବୃତ୍ତି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସଂସ୍କୃତି ବିଭାଗ ପକ୍ଷରୁ ଅନୁଷ୍ଠିତ ପ୍ରତିଯୋଗିତାରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଡା. କୁମୁଦ ଚନ୍ଦ୍ର ମିଶ୍ର, ଡା. ଦୁଷ୍ମନ୍ତ କୁମାର ମହାନ୍ତି, ଜିତମ କଲେଜ ଅଧ୍ୟକ୍ଷ ରାଜେଶ ପାଢ଼ୀ, ସାହିତ୍ୟିକ ଆଶୁତୋଷ ପାତ୍ର, ପ୍ରଫୁଲ୍ଲ ପାଢ଼ୀ, ଜୟଦେବ ସେଠ୍, ନୀଳମଣି ପାଢ଼ଯୋଶୀ, ମୀନକେତନ ନାୟକ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ । ଏଥିରେ ଡା. ନରେନ୍ଦ୍ର ମିଶ୍ର ନିରକ୍ଷକ ଭାବେ କାର୍ଯ୍ୟ ପରିଚାଳନା କରିଥିଲେ । କନିଷ୍ଠ ଓ ବରିଷ୍ଠବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ୪ ଜଣ ଲେଖାଏଁ ପ୍ରତିଯୋଗୀଙ୍କୁ ଚୟନ କରାଯାଇ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବା ପାଇଁ ମନୋନୀତ କରାଯାଇଛି । କନିଷ୍ଠବର୍ଗରେ ପ୍ରବନ୍ଧ ପ୍ରତିଯୋଗିତାରେ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିର ଛାତ୍ରୀ ଅର୍ଚ୍ଚିତା ପ୍ରିୟଦର୍ଶିନୀ ନାୟକ, ବକ୍ତୃତାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ବନ୍ଦନା ରଥ, କବିତା ଆବୃତ୍ତିରେ ଗୋପବନ୍ଧୁ ମ୍ୟୁନିସିପାଲଟି ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଗାୟତ୍ରୀ କୁମ୍ଭାର ଓ ସାଧାରଣଜ୍ଞାନରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରୀ ସୃଜନୀ ବ୍ରହ୍ମା ମନୋନୀତ ହୋଇଛନ୍ତି । ଉକ୍ତ ପ୍ରତିଯୋଗୀ ଆସନ୍ତା ୭ ତାରିଖରେ ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ । ସେହିପରି ବରିଷ୍ଠବର୍ଗର ପ୍ରବନ୍ଧ ପ୍ରତିଯୋଗିତାରେ ସରସ୍ୱତୀ ବିଦ୍ୟା ମନ୍ଦିରର ଅସ୍ମା ସାଇ, ବକ୍ତୃତାରେ ଜିସିଡି ଉଚ୍ଚ ବିଦ୍ୟାଳୟର ଛାତ୍ର ରବି କୁମାର ସାହୁ, କବିତା ଆବୃତ୍ତିରେ ସରସ୍ୱତୀ ବିଦ୍ୟା ମନ୍ଦିର ଛାତ୍ରୀ ମନସ୍ୱିନୀ ରଥ, ସାଧାରଣଜ୍ଞାନରେ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ଛାତ୍ର ପ୍ରତିକଙ୍କୁ ଚୟନ କରାଯାଇଛି । ଏମାନେ ଆସନ୍ତା ୧୪ତାରିଖରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ।



ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ ।

# ବସନ୍ତ ବୁର୍ଲାଙ୍କ ସ୍ମୃତିସଭା

ନବରଙ୍ଗପୁର,୫।୭(ବି.ପ୍ର.)

ବୁର୍ଲା ଗ୍ରୁପର ଦ୍ୱିତୀୟ ପିଢୀର ସର୍ବୋଚ୍ଚ ବ୍ୟକ୍ତିତ୍ୱ ବସନ୍ତ କୁମାର ବୁର୍ଲା ୯୮ ବର୍ଷ ବୟସରେ ମୁମ୍ବାଇରେ ଗତ ୩ ତାରିଖ ପ୍ରାଣ ହରାଇଛନ୍ତି। ନବରଙ୍ଗପୁରରେ ୧୯୮୪ରେ ସେ ମଙ୍ଗଳମ ଟିମ୍ବରର୍ସ ସ୍ଥାପନ କରିଥିଲେ। ମଙ୍ଗଳମ୍ ଟିମ୍ବରସ ମ୍ୟାନେଜର ନିରଞ୍ଜନ ବେହେରା, ଉତ୍ପାଦନ ପରିଚାଳକ ସର୍ବେଶ୍ୱର ତ୍ରିପାଠୀ, ବାଣିଜ୍ୟ ପରିଚାଳକ ରବି କୁମାର, କର୍ମଚାରୀ ତତ୍ତ୍ୱାବଧାରକ ନବକିଶୋର ପଟ୍ଟନାୟକ, ଶ୍ରମିକ ସଙ୍ଗଠକ ସଭାପତି ତୁଳାରାମ ରନ୍ଧାରୀ, ସମ୍ପାଦକ ପୁରୁଷୋତ୍ତମ, ଅଶୋକ ଗଡନାୟକ, ନିର୍ମଳ ନାୟକଙ୍କ ସମେତ ଅନ୍ୟ କର୍ମଚାରୀ ପ୍ରମୁଖ ନୀରବ ପ୍ରାଥନା କରିଛନ୍ତି।

# ନବରଙ୍ଗପୁର ବିଧାୟକଙ୍କୁ ସମ୍ବର୍ଦ୍ଧନା

ନବରଙ୍ଗପୁର,୫।୭(ବି.ପ୍ର.)

ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀଙ୍କୁ ଜିଲା ଖ୍ରୀଷ୍ଟିୟାନ ସଂଖ୍ୟାଲଘୁ ପରିଷଦ ଶୁକ୍ରବାର ସମ୍ବର୍ଦ୍ଧିତ କରିଛି। ଏନେଇ ଏକ ସମ୍ବର୍ଦ୍ଧନା ସଭା କରାଯାଇଥିଲା। ସେ ସବୁବେଳେ ପରିଷଦ ସାଥିରେ ଅଛନ୍ତି। ସେମାନଙ୍କୁ ସମସ୍ତ ପ୍ରକାର ସହଯୋଗ ଯୋଗେଇ ଦେବେ ବୋଲି ବିଧାୟକ କହିଛନ୍ତି। ସମ୍ବର୍ଦ୍ଧନା ସଭାରେ ପରିଷଦର ଜିଲା ସଭାପତି ସୁଧୀର ପାତ୍ର, ଉପସଭାପତି ତୀର୍ଥ ଚରଣ ନାୟକ, ଜିଲା ସମ୍ପାଦକ ପାଳକ ଗୌରବ କାଉଁରି, ମିଡିଆ ସଂଯୋଜକ ଦୟାନିଧି ସୁନା, ନନ୍ଦାହାଣ୍ଡି ବ୍ଲକ ସଭାପତି ଦିବ୍ୟଦାନ ସୁନା, ଡ. ସି. ତିମଥି, ତେନ୍ତୁଳିଖୁଣ୍ଟି ବ୍ଲକ ସଭାପତି ଜୀବନ ଟାକ୍ରୀ, ରେଭ ଆନନ୍ଦ କର, ନବରଙ୍ଗପୁର ବ୍ଲକ ସଭାପତିଙ୍କ ସମେତ ଅନ୍ୟ ସଭ୍ୟମାନେ ଉପସ୍ଥିତ ଥିଲେ।



ବିଧାୟକ ସଦାଶିବ ପ୍ରଧାନୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ଅବାଧରେ ଚାଲିଛି ମଦ କାରବାର,ଅବକାରୀ ବିଭାଗ ଚୁପ୍

ବିଷମକଟକ,୫।୭

ରାୟଗଡା ଜିଲା ବିଷମକଟକ ବ୍ଲକରେ ଦେଶୀ ଓ ବିଦେଶୀ ମଦ ଚୋରା କାରବାର ବୃଦ୍ଧି ପାଉଛି। ସରକାର ଉପଯୁକ୍ତ ନ ଥିବା ସ୍ଥାନଗୁଡ଼ିକରେ ଆଖିବୁଜି ମଦଭାଟି ଏବଂ ଠିପି ବନ୍ଦ ମଦ ଦୋକାନ ଖୋଲିବା ନିମନ୍ତେ ଅନୁମତି ଦେଉଛନ୍ତି । ଏଥିରୁ ମାସିକ ଲକ୍ଷାଧିକ ଟଙ୍କାର ରାଜସ୍ୱ ଆଦାୟ ହେଉଥିବାରୁ ଉକ୍ତ ମଦ ବ୍ୟବସାୟକୁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ପ୍ରୋତ୍ସାହନ ଯୋଗାଉଛନ୍ତି । ଏଠାରେ ବେଧଡ଼କ ଭାବେ ଚୋରା ମଦ କାରବାର ଚାଲିଥିବା ବେଳେ ଅବକାରୀ ବିଭାଗର ଦୃଷ୍ଟି ପଡୁନାହିଁ ।

ବିଷମକଟକ ବ୍ଲକର ଦୁର୍ଗୀ, କୁମ୍ଭାରଧାମୁଣି, ଭାତପୁର, ଡୁମୁରିନେଳି, ସାହାଡା, ଡୁକୁମୁ, ଚାଟିକୋଣା, ହାଟମୁନିଗୁଡା, ପାଇକଡାକୁଲୁଗୁଡା, କୁତ୍ରାଗଡ ଆଦି ଅନେକ ଗ୍ରାମର ମୁଖ୍ୟ ରାସ୍ତାକଡରେ ଥିବା ପାନଦୋକାନ ଏବଂ ହୋଟେଲରେ ଦେଶୀ ଓ ବିଦେଶୀ ମଦ ବିକ୍ରି ହେଉଛି । ବିଷମକଟକ ଅଞ୍ଚଳର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ପ୍ରସ୍ତୁତ ହେଉଥିବା ବିଷାକ୍ତ ମଦ ବଜାରକୁ ଆସୁଥିବା ସନ୍ଦେହ କରାଯାଉଛି।

ଗ୍ରାମାଞ୍ଚଳଗୁଡ଼ିକରେ ଦିବାଲୋକରେ ମଦ ବିକ୍ରି କରାଯାଉଥିଲେ ମଧ୍ୟ ବିଭାଗ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ବିଷମକଟକ ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ରହିଛି । ଯାହାଫଳରେ ଲୋକେ ବିଷାକ୍ତ ମଦ ପିଇ ମୃତ୍ୟୁବରଣ କରୁଥିଲେ ସୁଦ୍ଧା ଏହା ଲୋକଲୋଚନକୁ ଆସିପାରୁନାହିଁ । ବେଳେ ବେଳେ ଅବକାରୀ ବିଭାଗ କର୍ମଚାରୀମାନେ ବିଭିନ୍ନ ଅଞ୍ଚଳ ଗସ୍ତ କରି ସଲପ ଏବଂ ଖଜୁରୀ ରସକୁ ବ୍ୟବହାର ନିମନ୍ତେ ନେଉଥିବା ଆଦିବାସୀଙ୍କ ବିରୋଧରେ ମଦ ବ୍ୟବସାୟ କରୁଥିବା ମିଥ୍ୟା କେଶ୍ ରୁଜୁ କରୁଛି। ଏହି ବ୍ୟବସାୟ ଅବକାରୀ ବିଭାଗର ଜାଣତରେ ହେଉଥିବା ଏବଂ ଏଥିନିମନ୍ତେ ପ୍ରଚୁର ପରିମାଣର ବଟି ଆଦାୟ କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହି ମଦକାରବାର ଉପରେ ଅଙ୍କୁଶ ଲଗାଇବା ନେଇ ଗ୍ରାମବାସୀ ଦାବି କରିଛନ୍ତି।

## ଜଗନ୍ନାଥଙ୍କ ମତ୍ସ୍ୟ ଅବତାର ବେଶ



ରାୟଗଡ଼ା



ଗୁଣପୁର



ମୁନିଗୁଡ଼ା

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ଶତପଥୀ

## ସଂକ୍ଷେପରେ

### ବନ ମହୋତ୍ସବ କାର୍ଯ୍ୟକ୍ରମ

ରାୟଗଡା ଅଫିସ୍, ୫।୭: ସରକାରୀ ଉଚ୍ଚ ବିଦ୍ୟାଳୟ ଜୁରୁଡିଠାରେ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ରାୟଗଡା ମଣ୍ଡଳ ବନାଞ୍ଚଳର ଫରେଷ୍ଟର ଏବଂ ତାଙ୍କର ଟିମ୍ ଉପସ୍ଥିତ ଥିଲେ । ସେହିପରି ଗ୍ରାମର ଯୁବକ ସଂଘ, ମହିଳା ସଂଘ, ବିଦ୍ୟାଳୟର ସମସ୍ତ ଶିକ୍ଷକ ଏବଂ ଛାତ୍ରୀଛାତ୍ର ଯୋଗ ଦେଇ ଚାରା ରୋପଣ କରିଥିଲେ । ବୃକ୍ଷରୋପଣର ଉପକାରିତା, ଜଙ୍ଗଲ ନଷ୍ଟ ନ କରିବା ନେଇ ସଚେତନ କରାଯାଇଥିଲା । ପ୍ରଥମେ ବନ ବିଭାଗ କର୍ମଚାରୀ ଗୌରୀଶଙ୍କର ସାହୁ ଛାତ୍ରୀଛାତ୍ରମାନଙ୍କୁ ବୃକ୍ଷରୋପଣର ଉପକାରିତା ସମ୍ପର୍କରେ ବୁଝାଇଥିଲେ । ପ୍ରଧାନଶିକ୍ଷକ ଏ.ଶ୍ରୀନିବାସ ରାଓ ଏବଂ ସହଶିକ୍ଷକ ଚିନ୍ମୟ ମହାପାତ୍ରଙ୍କ ନେତୃତ୍ୱରେ ଏହା ଆୟୋଜିତ ହୋଇଥିଲା । ପରେ ଶିକ୍ଷକ ସୁବାରାଓ ବାଚେଲି ଧନ୍ୟବାଦ ଦେଇଥିଲେ ।

### ଆଦର୍ଶ ବିଦ୍ୟାଳୟରେ ବୃକ୍ଷରୋପଣ

ଗୁଣପୁର,୫।୭(ଡି.ଏନ.ଏ)-ରାୟଗଡା ଜିଲା ଗୁଣପୁର ଆଦର୍ଶ ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ରିତ ଋତୁରାଜ, ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର, ଡିଏଫଓ ଦେବାରଚାନ୍ଦ ବେହେରା, ରେଞ୍ଜର ଅଶୋକ ପ୍ରଧାନ, ଆଦର୍ଶ ବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ବନିତା ବେହେରା, ବରିଷ୍ଠ ନାଗରିକ କୃଷ୍ଣ ପ୍ରସାଦ ବେବର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ । ବୃକ୍ଷ ନଷ୍ଟ ଦ୍ୱାରା ପରିବେଶ ପ୍ରତି ହେଉଥିବା ବିପଦ ଉପରେ କହିବାସହ ବୃକ୍ଷରୋପଣର ଆବଶ୍ୟକତା ଉପରେ କହିଥିଲେ ।

### ବିହନ ବିଶୋଧନ ଅଭିଯାନ



କୋଲନରା,୫।୭(ଡ଼ି.ଏନ.ଏ): ଜିଲା କୃଷି ବିଭାଗ ତରଫରୁ ପ୍ରତ୍ୟେକ ବ୍ଲକର ବିଭିନ୍ନ ପଞ୍ଚାୟତର ଗାଁଗୁଡ଼ିକରେ ବିହନ ବିଶୋଧନ ଅଭିଯାନ ଜାରି ରହିଛି । କୋଲନରା କୃଷି ବିଭାଗର ଥେରୁବାଲି ସହକାରୀ କୃଷି ଅଧିକାରୀ ରବି ନାରାୟଣ ମେହେର ଓ ରାୟଗଡ଼ା ସହକାରୀ କୃଷି ଅଧିକାରୀ ବିଭୂଦେନ୍ଦୁ ଦେ, କୋଲନରା ସହକାରୀ କୃଷି ଅଧିକାରୀ ସୁରଭୀ ମହାପାତ୍ର ଯୋଗ ଦେଇ ବିହନ ବିଶୋଧନ ନେଇ ବୁଝାଇଥିଲେ । ବ୍ଲକର ସୁରୀ ପଞ୍ଚାୟତର ପୁଝାରୀଗୁଡ଼ା ଆରବି ଓ ଶାନ୍ତାବାଡ଼ି ଗାଁରେ ଏହି ବିଶୋଧନ ଅଭିଯାନ କରାଯାଇଥିଲା । ପରେ ଚାଷୀମାନଙ୍କୁ ମାଗଣାରେ ପତ୍ରିକା ଓ ବିଶୋଧକ ବଣ୍ଟନ କରାଯାଇଥିଲା ।

■ ପୋଡ଼ିହୋଇ ମହିଳା ମୃତ ଘଟଣା

# ସ୍ୱାମୀ, ଶାଶୁ ଗିରଫ

ଗୁଣପୁର,୫।୭(ଡି.ଏନ.ଏ)

ରାୟଗଡା ଜିଲା ପଦ୍ମପୁର ବ୍ଲକ ରଘୁନାଥପୁର ଗ୍ରାମରେ ମୀନାକ୍ଷୀ ପାଣିଗ୍ରାହୀ(୨୨)ଙ୍କ ନିଆଁରେ ପୋଡ଼ି ହୋଇ ମୃତ୍ୟୁ ହୋଇଛି । ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ମିନାକ୍ଷୀଙ୍କ ସ୍ୱାମୀ ରବୀନ୍ଦ୍ର ପାଣିଗ୍ରାହୀ ଏବଂ ଶାଶୁ ଶଖିରେଖା ପାଣିଗ୍ରାହୀ । ମିନାକ୍ଷୀଙ୍କ ବାପା ବିଘ୍ନରାଜ ପାଣିଗ୍ରାହୀଙ୍କ ଏତଲାକୁ ଭିତ୍ତିକରି ଏସଡିପିଓ ରାଜକିଶୋର ଦାସଙ୍କ ସମେତ ପଦ୍ମପୁର ଆଇଆଇସି ଏବଂ ଏକ ସାଇଣ୍ଟିଫିକ ଦଳ ଶୁକ୍ରବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ । ପୋଲିସ ଘଟଣାସ୍ଥଳରୁ କିରୋସିନ ଜାରକିନ, ପୋଡି ଯିବା ଲୁଗା ଏବଂ ଚୁଟି ଜବତ କରିଥିଲା । ସମସ୍ତ ରିପୋର୍ଟ ଆସିଲା ପରେ ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି । ମଙ୍ଗଳବାର ମିନାକ୍ଷୀ ଗ୍ୟାସ ଲଗାଉଥିବା ବେଳେ ପୋଡି ଯାଇଥିଲେ । ତାଙ୍କୁ ପ୍ରଥମେ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ ବ୍ରହ୍ମପୁର ପଠାଯାଇଥିଲା । ସେଠାରୁ କଟକ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମିନାକ୍ଷୀଙ୍କ ମୃତ୍ୟୁ ହୋଇଥିଲା । ମିନାକ୍ଷୀ ଯୌତୁକ ନିର୍ଯାତନା ସହ୍ୟ କରି ନ ପାରି କିରୋସିନ ଢାଳି ଆତ୍ମହତ୍ୟା କରିଥିବା ତାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ । ବିବାହ ସମୟରେ ୬୦ ହଜାର ଏବଂ ପରେ ୩୦ ହଜାର ଟଙ୍କା ଯୌତୁକ ବାବଦକୁ ପ୍ରଦାନ କରାଯାଇଥିଲା । ଦାବି ମୁତାବକ ଆଉ ୧୦ ହଜାର ଟଙ୍କା ପ୍ରଦାନ କରିବାକୁ ବାକି ଥିଲା । ଏ ନେଇ ତାଙ୍କ ଝିଅଙ୍କୁ ଯୌତୁକ ନିର୍ଯାତନା ଦିଆଯାଉଥିଲା ବୋଲି ବିଘ୍ନରାଜ ଅଭିଯୋଗ କରିଛନ୍ତି ।



ଗିରଫ ୨ ଅଭିଯୁକ୍ତ ।

# ବନ ମହୋତ୍ସବ ପାଳିତ

ଚନ୍ଦ୍ରପୁର,୫।୭(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ସଦର ମହକୁମାରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଚନ୍ଦ୍ରପୁର ବନ ବିଭାଗ ତରଫରୁ ଶୁକ୍ରବାର ୭୦ ତମ ବନ ମହୋତ୍ସବ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଚନ୍ଦ୍ରପୁର ଥାନା ଆଇଆଇସି ସୁନିଲ ଅରୁଣ କୁମାର ନାୟକ ମୁଖ୍ୟଅତିଥି, ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଶାଖା ପରିଚାଳକ ରାମ ଶବର, ସରପଞ୍ଚ ସୁଜିତ କୁମାର କେଡ୍ରେକା, ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କେଶବ ମଣ୍ଡଳ, ଡାଙ୍ଗସୋରଡା ଫରେଷ୍ଟ ସେକ୍ସସନର ବନପାଳ ଜୟଚନ୍ଦ୍ର ନାୟକ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କରଞ୍ଜ, ଆକାଶିଆ, ଅଁଳା, କୃଷ୍ଣଚୁଡ଼ା ପ୍ରଭୃତି ୧୦୦ରୁ ଊର୍ଦ୍ଧ୍ୱ ଚାରାରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଚନ୍ଦ୍ରପୁର ବ୍ଲକ ସଦର ମହକୁମାରେ ଥିବା ବନପାଳ ଡ଼ମ୍ବରୁଧର ସେନାପତିଙ୍କ ନେତୃତ୍ୱରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ସମଗ୍ର ଚନ୍ଦ୍ରପୁର ଅଞ୍ଚଳକୁ ସବୁଜମୟ କରିବା ସହ ପରିବେଶର ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ଗତ ୧ ତାରିଖରୁ ଜିଲାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଜାରି ରହିଛି ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି,ବନ କର୍ମଚାରୀ ଓ ଛାତ୍ରମାନେ ।

# ପଲ୍ଲିଶ୍ରୀମେଳା ଉଦ୍‌ଘାଟିତ

ଗୁଣପୁର,୫।୭(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ରଥଯାତ୍ରା ଅବସରରେ ସ୍ଥାନୀୟ ରାଜୀବଗାନ୍ଧୀ ପଡିଆଠାରେ ଶୁକ୍ରବାର ପଲିଶ୍ରୀ ମେଳା ଉଦ୍‌ଘାଟିତ ହୋଇଯାଇଛି । ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ପ୍ରମୋଦ କୁମାର ବେହେରା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ରିତ ଋତୁରାଜ, ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର ପ୍ରମୁଖ ଉପସ୍ଥିତ ରହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ଗମାଙ୍ଗ, ବ୍ଲକ ସହକାରୀଯନ୍ତ୍ରୀ ଦୁର୍ଯ୍ୟୋଧନ ଜାନୀଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ । ଏଥିରେ ୫୦ଟି ଷ୍ଟଲ ସ୍ଥାନ ପାଇଛି । ଏହା ୧୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଓରମାସ ପକ୍ଷରୁ ଏହି ମେଳା ଆୟୋଜନ କରାଯାଇଛି ।



ପଲ୍ଲିଶ୍ରୀ ମେଳାକୁ ବିଧାୟକ ରଘୁନାଥ ଗମାଙ୍ଗ ଉଦ୍‌ଘାଟନ କରୁଛନ୍ତି ।

### ୩ ନାବାଳିକା ଉଦ୍ଧାର

ରାୟଗଡା ଅଫିସ୍, ୫।୭

ଜିଲା ଶିଶୁ ସୁରକ୍ଷା ୟୁନିଟ୍ ରାୟଗଡା ଦ୍ୱାରା କେରଳର ତ୍ରିଶୂରରୁ ୨ ଓ ଦିଲ୍ଲୀରୁ ଜଣେ ମୋଟ ୩ ଜଣ ନାବାଳିକାଙ୍କୁ ଉଦ୍ଧାର କରାଯାଇ ସେମାନଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ଗୁଣପୁର ସବ୍‌ଡିଭିଜନ ଅନ୍ତର୍ଗତ ଚିନାସାରୀ ଅଞ୍ଚଳରୁ ଜଣେ ସିଷ୍ଟର ନିୟମିତ ଭାବେ ଏ ଅଞ୍ଚଳକୁ ଆସି ଗୁମୁଦଠାରେ ଥିବା ଚର୍ଚ୍ଚରେ ରୁହନ୍ତି । ସ୍ଥାନୀୟ ଅଞ୍ଚଳର ପିଲାମାନଙ୍କୁ ଉଚ୍ଚଶିକ୍ଷା ଓ ରୋଜଗାର ପ୍ରଲୋଭନ ଦେଖାଇ କେତେକ ଯୁବକଙ୍କ ସହାୟତାରେସେମାନଙ୍କୁ କେରଳ, ତାମିଲନାଡୁ ଓ କର୍ଣ୍ଣାଟକ ଅଞ୍ଚଳକୁ ନେଇଯାନ୍ତି । ପରେ ସେମାନଙ୍କୁ ସେଠାରେ ବିଭିନ୍ନ ଲୋକଙ୍କୁ ଏହି ଯୁବତୀଯୁବକମାନଙ୍କୁ ଯୋଗାଇ ଦେଇ ଅଗ୍ରୀମ ଆକାରରେ ଟଙ୍କା ନେଇଯାଇଥାନ୍ତି । ଫଳରେ ନିରୀହ ଯୁବତୀଯୁବକମାନେ ବିନା ପାରିଶ୍ରମିକରେ ଯନ୍ତ୍ରଣାରେ ଜର୍ଜରିତ ହୋଇ ମାଗଣାରେ ଗୋଡି ଖଟନ୍ତି । ୨ଜଣ ନାବାଳିକାଙ୍କୁ ତ୍ରିଶୁରରୁ ସେଠାକାର ପୋଲିସ ଉଦ୍ଧାର କଲାପରେ ଶୁକ୍ରବାର ରାୟଗଡା ଶିଶୁ ସୁରକ୍ଷା ୟୁନିଟ ମାଧ୍ୟମରେ ଶିଶୁ ମଙ୍ଗଳ କମିଟିରେ ହଜାର କରିଥିଲା । ପରେ ସେମାନଙ୍କ ପିତାମାତାଙ୍କୁ ହସ୍ତାନ୍ତର କରାଯାଇଥିଲା । ଅଭିଯୋଗ ପାଇବାପରେ ଚନ୍ଦ୍ରପୁର ଅଞ୍ଚଳରୁ ଜଣେ ନାବାଳିକାକୁ ଜିଲା ପ୍ରଶାସନ ଦିଲ୍ଲୀରୁ ଉଦ୍ଧାର କରି ତାଙ୍କ ପିତାମାତାଙ୍କୁ ହସ୍ତାନ୍ତର କରିଥିବା ମଧ ଜଣାପଡିଛି ।

### କେନ୍ଦ୍ରୀୟ ବିଦ୍ୟାଳୟରେ ଫର୍ମ ବଣ୍ଟନ

ଗୁଣପୁର,୫।୭(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର କେନ୍ଦ୍ରୀୟ ବିଦ୍ୟାଳୟର ୨୦୧୯-୨୦ ଶିକ୍ଷାବର୍ଷ ନିମନ୍ତେ ନାମଲେଖା ପାଇଁ ଫର୍ମ ବିକ୍ରୟ ଶୁକ୍ରବାରଠାରୁ ଆରମ୍ଭ ହୋଇଛି । ଏହି ଅବସରରେ ସ୍କୁଲ ପ୍ରିନ୍ସପାଲ ଦିପେଶ କୁମାର ବାରିକ, ଶିକ୍ଷକ ଅଶୋକ ଲାବଲା, ଡାଇମଣ୍ଡ ସେଠ, ନବ ନିର୍ମାଣ ସମିତି ଅଧ୍ୟକ୍ଷ ଅକ୍ଷୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମ ଦିନରେ ୪୦୦ ଫର୍ମ ପ୍ରଦାନ କରାଯାଇଛି । ଗୁଣପୁରଠାରେ କେନ୍ଦ୍ରୀୟ ବିଦ୍ୟାଳୟରେ ବୁଧବାର ନାମଲେଖା ପାଇଁ ଫର୍ମ ପ୍ରଦାନ ଲାଗି ବିଜ୍ଞପ୍ତି ପ୍ରକାଶ ପାଇଥିଲା । ପରେ ଗୁରୁବାର ଏହାର କାର୍ଯ୍ୟାଳୟ ବେଲ ହଷ୍ଟେଲ ପରିସରରେ ଖୋଲାଯାଇଥିଲା । ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟ ଦିବସରେ ବିନାମୂଲ୍ୟରେ ନାମଲେଖା ନିମନ୍ତେ ଫର୍ମ ଉପଲବ୍ଧ ହେବ । ୨୦୧୯-୨୦ ଶିକ୍ଷାବର୍ଷ ପାଇଁ୧ମରୁ ୫ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ନାମଲେଖା କରାଯିବାକୁ ସ୍ଥିର ହୋଇଛି ।

## ବଜେଟ୍ ପ୍ରତିକ୍ରିୟା

### ଚାଷୀ, ମହିଳା, ବେପାରୀଙ୍କୁ ସହାୟକ ହେବ



ଏହାକୁ ଏକ ସନ୍ତୁଳିତ ବଜେଟ୍ ବୋଲି କୁହାଯାଇପାରିବ । ଏଥିରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ କର ଛାଡ଼, ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ଶ୍ରମିକଙ୍କୁ ମାସିକ ୩ ହଜାର ଟଙ୍କାର ପେନସନ, ହର୍ ଘର୍ ଜଲ ଯୋଜନା ଦ୍ୱାରା ସମସ୍ତଙ୍କୁ ପାନୀୟ ଜଳ ଯୋଗାଣ ଲକ୍ଷ୍ୟ, ଯୁବତୀ ଯୁବକଙ୍କୁ କୌଶଳ ବିକାଶ ତାଲିମ ସାଙ୍ଗକୁ କ୍ଷୁଦ୍ର ଓ ମଧ୍ୟମ ଧରଣର ବ୍ୟବସାୟୀଙ୍କୁ ସହାୟତା, କୃଷି କୃଷକର ବିକାଶ ଓ ମହିଳାଙ୍କ ସଶକ୍ତୀକରଣ ଭଳି ପଦକ୍ଷେପ ସମସ୍ତଙ୍କ ପାଇଁ ସହାୟକ ହେବ ।

– ପ୍ରଭାତ ମହାପାତ୍ର, ଶିକ୍ଷକ, ସ୍ୱାମୀ ବିବେକାନନ୍ଦ ବନଭାରତୀ ବିଦ୍ୟାପୀଠ, କୋରାପୁଟ

### ଶ୍ରମିକ,କୃଷକଙ୍କ ଉନ୍ନତିରେ ସହାୟକ ହେବନାହିଁ



ବଜେଟ ଅର୍ଥ ଏପର୍ଯ୍ୟନ୍ତ ଆମେ ସାଧାରଣ ଗରିବ ଓ ମଧ୍ୟବିତ୍ତ ଲୋକ ଭଲ ଭାବେ ବୁଝିନାହୁଁ । ପ୍ରତିବର୍ଷ ବଜେଟ୍ ପ୍ରସ୍ତୁତି ହୁଏ ଏବଂ ଅର୍ଥ ବରାଦ ହୁଏ । ମାଲକାନଗିରି ଜିଲାରେ ରେଳ ଲାଇନ ପାଇଁ ଗତ ଦୁଇଟି ବଜେଟରେ ଅର୍ଥ ବରାଦ ହୋଇଛି ମାତ୍ର ଏହି ବରାଦ ଅର୍ଥ ଖର୍ଚ୍ଚ ହୋଇପାରିଲା ନାହିଁ । ଫଳରେ ରେଳଲାଇନ କାର୍ଯ୍ୟ ଆରମ୍ଭ ହୋଇ ପାରିଲା ନାହିଁ । ଏହି ବଜେଟ ଶ୍ରମିକ ଓ କୃଷକଙ୍କ କୌଣସି ଉନ୍ନତିରେ ସହାୟକ ହେବନାହିଁ ।

ନିରଞ୍ଜନ ସାହୁ, ସାଧାରଣ ନାଗରିକ, ମାଲକାନଗିରି

### ରାଷ୍ଟ୍ର ନିର୍ମାଣରେ ସହାୟକ ହେବ



ଚଳିତ ବଜେଟରେ ଗୃହ ଋଣରେ ରିହାତି, ଛୋଟ ଓ ଉଠା ଦୋକାନୀଙ୍କୁ ପେନସନ ବ୍ୟବସ୍ଥା କରାଯାଇଛି । ଏହାଦ୍ୱାରା ଅନେକ ଲୋକ ଉପକୃତ ହେବେ । କୃଷକଙ୍କୁ ପ୍ରୋତ୍ସାହନ ଦ୍ୱାରା କୃଷିଭିତ୍ତିକ ଭାରତରେ ବଡ଼ ପରିବର୍ତ୍ତନ ହେବ । ପ୍ରତ୍ୟେକ ଘରକୁ ପାନୀୟ ଜଳ ଯୋଗାଣ ଯୋଜନାରେ ଜଳ ସଙ୍କଟ ଲାଘବ ହେବ । ଆଦିବାସୀ ପର୍ଯ୍ୟଟନକୁ ଅଧିକ ପ୍ରୋତ୍ସାହନ ଦ୍ୱାରା ଅନୁସୂଚିତ ଜନଜାତି ଜିଲାରେ ଆର୍ଥିକ ପ୍ରଗତି ସମ୍ଭବ ହେବ ଓ ରୋଜଗାର ବଢ଼ିବ । ୫ ଲକ୍ଷ ପର୍ଯ୍ୟନ୍ତ ଆୟକର ଛାଡ ହେତୁ ମଧ୍ୟବିତ୍ତ ପରିବାରର ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ଜାତୀୟ ଶିକ୍ଷାନୀତି ପ୍ରଣୟନ ପାଇଁ ଯେଉଁ ପଦକ୍ଷେପ ଗ୍ରହଣ କରାଯାଇଛି, ତାହା ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ । ଏହା ରାଷ୍ଟ୍ର ନିର୍ମାଣରେ ବଡ଼ ପଦକ୍ଷେପ ହେବ ।

–ଡ. ସଂଯୁକ୍ତା ପଣ୍ଡା, ଅଧ୍ୟାପିକା, ନବରଙ୍ଗପୁର ମହିଳା ମହାବିଦ୍ୟାଳୟ,ରାୟଗଡ଼ା

### ମଧ୍ୟବିତ୍ତ ପରିବାର ନିରାଶ



ଆଜିର ବଜେଟ ଚଳନୀୟ ଏବଂ ସ୍ୱାଗତ ଯୋଗ୍ୟ ଥିଲା । ହେଲେ ଏଥିରେ ମଧ୍ୟବିତ୍ତ ପରିବାରଙ୍କୁ ନିରାଶ ହେବାକୁ ପଡିଛି । ସେଥିରେ ସେମାନଙ୍କ ପାଇଁ କିଛି ବ୍ୟବସ୍ଥା ରହିଥିଲେ ଭଲ ହୋଇଥାନ୍ତା ।

ସୂର୍ଯ୍ୟ ନାରାୟଣ ପଣ୍ଡା, ଅଧ୍ୟାପକ , ଗୁଣପୁର,ରାୟଗଡ଼ା

### ସାଧାରଣ ଲୋକଙ୍କୁ ସୁହାଇବ



ଗରିବ ଏବଂ ମଧ୍ୟବିତ୍ତଙ୍କ ପାଇ ସୁହାଇଲା ଭଳି ବଜେଟ ହୋଇଛି । ମୋଦିଙ୍କ ନୂତନ ଭାରତର ସ୍ୱପ୍ନର ଝଲକ ଏହି ବଜେଟ୍‌ରେ ଦେଖିବାକୁ ମିଳିଛି । ଅନ୍ୟପକ୍ଷରେ ପେଟ୍ରୋଲ ଉପରେ ଶୁଳ୍କ ଲଗାଇବା ଏବଂ ବିମାନ ଓ ମଡିଆକ୍ଷେତ୍ରରେ ଶତ ପ୍ରତିଶତ ବିଦେଶ ପୁଞ୍ଜି ନିବେଶକୁ ପ୍ରୋତ୍ସାହନ ପାଇଁ ପ୍ରବାଧାନ ରଖିବା ଦୁର୍ଭାଗ୍ୟ ଜନକ ।

ଉମା ଶଙ୍କର ଦାସ, ଗୁଣପୁର,ରାୟଗଡ଼ା

### ଟିକସ ପୈଠ ନେଇ ଭଲ ବ୍ୟବସ୍ଥା



କେନ୍ଦ୍ର ସରକାର ଯେଉଁ ବଜେଟ୍ ଉପସ୍ଥାପନ କରିଛନ୍ତି ତାହା ମଧ୍ୟବତ୍ତ ଓ ଗରିବ ଶ୍ରେଣୀର ଲୋକଙ୍କୁ ଆଦୌ ସୁହାଇବା ଭଳି ନୁହେଁ । ପାନ୍ କାର୍ଡ ନ ଥିଲେ ମଧ ଆଧାର କାର୍ଡ ମାଧ୍ୟମରେ ଟିକସ ନେଣଦେଣ ଏକ ଭଲ ପଦକ୍ଷେପ ଅଟେ ।

ଅବଦୁଲ ଅନିଲ, କାରଚାଳକ,ଗଜପତି


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

Bhartiya Infotech Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 70 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍ । ମାସିକ 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
9078842412

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ ଜିଣ୍ଡଲ୍ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 50,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍ ୨୦ ବର୍ଷର କୋର୍ଟ ଅଗ୍ରୀମେଣ୍ଟ ।
Plot No - 14/271, Devaraja Mohalla, Bangalore, Karnataka 570001
8929313996
7042350747

FINANCE

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କେଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74




ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କେଟ, ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି ।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ । ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ ସମ୍ପର୍କ କରନ୍ତୁ । ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ ।
Address :- 201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

DHANLAXMI FINANCE COMPANY
ଏବେ କରିବ ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ 50,000-95 ଲକ୍ଷ ପର୍ଯ୍ୟନ୍ତ ମାର୍କେଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
HELPLINE
09485832476
PETUMALI, JHARMUNDA, PETUPALI, BARGARH, ODISHA - 768034

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ବଶୀକରଣ ସ୍ପେଶାଲିଷ୍ଟ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଳେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଯାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣ । ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

See Color Display Classified on every Tuesday & Friday


ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।